ବିଷୁବ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

# ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# "କର୍ଣ୍ଣ ଉବାଚ"

ସୁଭାଷ ଚନ୍ଦ୍ର ପଣ୍ଡା

ଆଉ କାହିଁ ନିଶୁନ୍ ରାତିର ଏଇ
ଟୋପା ଟୋପା କାକରରେ ଭିଜି
ପାଷାଣୀ ଗୋ ! ଜନ୍ମଦାତ୍ରୀ ଜନନୀ ମୋହର ,
ମୋର ଯାହା ଅବଶିଷ୍ଟ ନିଜତ୍ୱର ବାଲି ବନ୍ଧ
ଭାଙ୍ଗିବାକୁ ଚେଷ୍ଟା କର
ଲୁଣି ଲୁଣି ଲୁହର ଢେଉରେ ?
ଏକଦା ବାଞ୍ଛିତ ତୁମ ଦେବତାର
ଅବାଞ୍ଛିତ ପୁତ୍ରର ସ୍ମୃତିରେ
ଆଉ କିଆଁ ଜନନୀ ଗୋ ବ୍ୟଥା ତୁରା ,
କାତର ଦୁଃଖରେ ??

ମୁଁ କଣ ତୁମର ଏକ ଅଝଟ ସ୍ମୃତିର ଖିଅ,
ମୋତେ ଦେଖି ଅବା ମୋର କଥା ଶୁଣି
କାନ୍ଦେ କି ଗୋ କେବେ ତୁମ
କପୋତିର ଅନୁତାପ ବିକ୍ଷୁବ୍ଧ ହୃଦୟ ???
ଏବେ କି ଗୋ ତୁମ ସ୍ମୃତି ପଟେ ଆଉ ଲେଖା ଅଛି
ବହୁ ବର୍ଷ ଯିବା ପରେ ,
ଯିବା ପରେ ବହୁ କେତେ ଉନ୍ନିଦ୍ର ପ୍ରହର ,
ସେ କେଉଁ ବିଗତ ଗାଥା ବସନ୍ତର ,
ଯମୁନାର କଳ ନାଦ ,
ଶାଳ ପର୍ଣ୍ଣୀ ବନର ବୈଭବ
ନିଡ଼ ମୁଖୀ ପକ୍ଷୀର କାକଳୀ
ବଧୂଳି ପାଟଳ ସନ୍ଧ୍ୟା , ଅସ୍ତ ଅଂଶୁମାଳୀ !!!

ଏବେ କଣ ମୋ ପିତାଙ୍କ ସ୍ମୃତି ପଞ୍ଚଚୟ ,
ଉଦ୍ ବେଳିତ କରେ ତୁମ
ଦେହ,ମନ, ଆତ୍ମା ଓ ଇନ୍ଦ୍ରିୟ ?
ଅଛି କି ଗୋ ମୋ ପିତାଙ୍କ କଥା ତୁମ
ମନରେ ସଞ୍ଚିତ ?

ମୋ ପିତା ,
ଯାହାଙ୍କୁ କେବେ ଡାକି ନାହିଁ
ପାଇ ନାହିଁ ଆଦର କ୍ଷଣିକ ,
ମୁଁ ପଚାରେ ତୁମ ପୁତ୍ର
ତୁମ ସ୍ତନ ପାନରୁ ବଞ୍ଚିତ ।

ମୁଁ ତ ବେଶ୍ ଭଲ ଥିଲି ନଜାଣି
ମୋ ନିଜର ଠିକଣା ,
ଯଦିଓ ସମ୍ପୂର୍ଣ୍ଣ ନୁହେଁ
ତେବେ ବି ତ ଗୀତାମୟ ଥିଲା ମୋର
ଆତ୍ମିକ ଚେତନା !!!
ତୁମେ କିଆଁ ଭରିଦେଲ ମୋ ମନରେ
ବେଦନାକ୍ତ ସମ୍ପର୍କ ଜୁଆର ?
ଯେ ଜୁଆର ଆବର୍ତ୍ତରେ ମୁଁ ଘୁରିଛି ,
ଯାହା ଆଜି ରାହୁ ଗ୍ରାସ କରେ ମୋର
ସମଗ୍ର ଅସ୍ତିତ୍ୱ ,
ମୋ ମନରେ ଭରି ଦିଏ
ବେଦନା ବିକ୍ଷୁବ୍ଧ ସ୍ୱପ୍ନ ଅୟୁତ କ୍ଲାନ୍ତିର !

ମା ଗୋ ,ସେଥି ପାଇଁ
ମୋ ଜୀବନ ଆଜି ଏଠି
ଏକ ନିଛାଟିଆ ଖରା ବେଳ ନିର୍ଜନ ପଥର ,
ଏକୁଟିଆ ବାଟୋଇର ,ତୃଷାର୍ତ୍ତ କଣ୍ଠର ,ଏବଂ
ପରିପୂର୍ଣ୍ଣ ସାମ୍ରାଜ୍ୟର ସୁ ଉଚ୍ଚ ପ୍ରାଚୁର୍ଯ୍ୟ ଘେରା
ଅସମ୍ପୂର୍ଣ୍ଣ ବ୍ୟର୍ଥତାର ଏକ ଦୀର୍ଘ ସ୍ୱର ।

(୪୨ବର୍ଷ ତଳର କବିତା )

ଗହଗା ନରସିଂହ ପୁର ,କେନ୍ଦ୍ରାପଡା, ଓଡିଶା

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଯେବେ ଦେଖା ହେବ

ପ୍ରତିଭା ପରିଜା

କେତେ ବା ଦୂରତ୍ୱ
ତୁମ ଠାରୁ ମୋ ଯାଏ
ଅବା ମୋ ଠାରୁ ତୁମ ଯାଏ...
ବୈଶାଖ ଝାଞ୍ଜିରେ ରାସ୍ତା ନିଆଁ ହୁଏ ,
ଖରା ର ସବୁ ନିଷ୍ଠୁରତା
ବିଞ୍ଚି ହୋଇ ପଡେ ଖଇ ପରି
ଦେହ ସାରା
ମୁହଁ ସାରା ।।
ଝାଇଁ ମାରେ ମୁଣ୍ଡ
କେମିତି ଅତିକ୍ରମିବି ଏ ରାସ୍ତା
ପହଁଚିବି ତୁମ ପାଖେ ।।
ଥୟ ଧର , ପହଁଚିବା ପହଁଚିବା ହେଲିଣି
ନେଇ କି ଯାଉଛି
ଦୁଇଟି ଦିନ ଜମା ।।
ତୁମ କଥା ଶୁଣିବି ଗୋଟିଏ ଦିନ
ଶୁଣେଇବି ମୋ କଥା
ଆଉ ଗୋଟେ ଦିନ ।।
ଯେତେ ବାକି ରହିବ ରହିଥାଉ।।
ଶ୍ରାବଣ ଆସିଲେ
ପୁଣି ଯିବି
ବର୍ଷାତି ପିନ୍ଧି
ଖୋଜି ଖୋଜି ତୁମରି ଠିକଣା।।
ହୁଏ ତ ତୁମେ
ଘର ବଦଳେଇ ଦେଇଥିବ ସେତେବେଳକୁ
ବଦଳି ଥିବ ତୁମର ଠିକଣା ।।

ପହଁଚିବି କିନ୍ତୁ ପଚାରି ପଚାରି
ଠିକଣା ଜାଗାରେ ।।
ପୁଣି ସେଇ ଦୁଇଦିନ
ଶୁଣିବି ଗୋଟିଏ ଦିନ
ଶୁଣେଇବି ଆଉ ଗୋଟେ ଦିନ ।।
ପୁଣି ଫେରିବି
କିଛି କଥା ବାକି ରଖି
ଆଉ ଏକ ଋତୁ କୁ
ଅପେକ୍ଷା କରି ।।
ବେଗମତି ନଦୀ ପରି
ସମୟ ବହୁଥିବ
କୂଳେ କୂଳେ ମୁଁ ବି ଧାଉଁ ଥିବି
କିଛି ହସ କିଛି ଲୁହ କୁ
ସମ୍ବଳ କରି ,
ଅନୁଭବ କୁ ମନ ରେ ସାଇତି ରଖିବି
ତୁମକୁ କହିବା ପାଇଁ
ତୁମଠୁ ଶୁଣିବା ପାଇଁ ।।
ଦେଖା ହବ ଆଉଥରେ ଯେବେ
ଆଉ କେଉଁ ଋତୁ ରେ କେଜାଣି
ସେ ସମୟ ଆସିବ କେବେ ।।।।

**ଆଠଗଡ଼ , କଟକ**
**।। ଓଡିଶା ।।**





# ହେ ! ସମୟ

ଅମ୍ବିକା ସ୍ବାଇଁ



ହେ! ସମୟ ତୁମେ କ'ଣ ଭାବୁଛ ?
ମୋତେ ହରେଇ ଦେଇଛ !!
ଶୁଣି ପାରୁଛି ତୁମ ଅଟ୍ଟହାସ୍ୟର ସ୍ୱର..
ତଥାପି ; ମୁଁ ଅଟକି ଯିବିନି
ଚାଲିବାକୁ ବାକି ଅଛି ପଥ
ମୋର ବହୁ ଦୂର.....!!!
ତୁମେ ତ ଦିଗ ହରା ପକ୍ଷୀ
ମୁକ୍ତାକାଶେ ଉଡି ଯାଅ ପଙ୍ଖ ଝାଡି
କେତେ ବେଳେ କେଉଁ ଦିଗେ
ଚାଲି ଯାଅ ମାଡ଼ି.....
ତୁମ ଉପରେ ବା ଭରସା କ'ଣ ?

ହେ!ସମୟ ତୁମେ ସିନା ଚାଲି ଯାଅ
ତୁମ ବାଟେ ପଛକୁ ଚାହିଁନା ଫେରି....
ହେଲେ, ତୁମ ସାଥେ ଉଡି ଉଡି ଯିବାକୁ
ମୁଁ କରୁଛି ପ୍ରୟାସ.....
ଥକି ପଡିବିନି , ଅଟକି ଯିବିନି
ଚାଲୁ ଥିବି ତୁମ ସାଥେ, ସାଥୀ ହେବା ପାଇଁ
ପହଂଚିବାକୁ ମୋ ସ୍ୱପ୍ନ ର ବୟସ
ରଖିଛି ମୋ ଆତ୍ମ ଶକ୍ତି ର ବିଶ୍ୱାସ ....

ଯେ ପର୍ଯ୍ୟନ୍ତ ମୋ ଶରୀର ର ଧମନୀ ରେ
ବିନ୍ଦୁଏ ରକ୍ତ ହେଉଥିବ ପ୍ରବାହିତ
ଅଣୁଏ ନିଃଶ୍ୱାସ ଚାଲୁଥିବ ଅନବରତ
ଖୋଜୁଥିବି ଜୀବନର ସୂତ୍ର
ଗାଉଥିବି ହୃଦୟ ର ମନ୍ତ୍ର......

ହେ !ସମୟ ତୁମେ ମୋତେ ଧରା
ନ ଦେଲେ ବି ପାରିବନି ହରାଇ... ....
ବର୍ତ୍ତମାନ ଅପରାହ୍ନ ଉପନୀତ
ସୂର୍ଯ୍ୟ ମା କୋଳକୁ ଯିବାକୁ ଉଦ୍ୟତ
ତାଙ୍କର କୋମଳ ଦିପ୍ତିମନ୍ତ ଆଭା
ଚତୁର୍ଦ୍ଦିଗ ହେଲାଣି ବିଚ୍ଛୁରିତ ......
ରାତ୍ର ହେବା ପାଇଁ ଆହୁରି ଦଣ୍ଡେ ବାକି ଅଛି
ତଥାପି ; ହେ!ସମୟ
ତୁମେ ମୋତେ ଧରା ନ ଦେଲେ ବି
ଅନ୍ଧାର ଛାଇ ଯିବା ପୂର୍ବରୁ
ତୁମକୁ ଧରିବି ମୁଁ କୌଶଳେ ଜାବୁଡି......!!!!!

ଭୁବନେଶ୍ୱର
ମୋବାଇଲ: ୯୭୭୭୫୯୯୬୯୫

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ମା'

ଡକ୍ଟର କମଳାକୃଷ୍ଣ ତ୍ରିପାଠୀ

ତୁ କେଉଁଠି ଥାଉ କେଜାଣି
କେବଳ ତୋର ସ୍ମରଣରେ
ଉଭାନ ହୋଇଯାଏ
ଦୁଃଖ ଯନ୍ତ୍ରଣାର ଠିକଣା ,
ତୋର ଶକ୍ତି କଥା ଭାବି ପକେଇଲେ
ହଜେଇଥିବା ସାମର୍ଥ୍ୟ
ଫେରିଆସି ଲାଖି ହୋଇଥାଏ
ଛାତି ତଳ ପଞ୍ଜୁରୀ ଭିତରେ ।

ତୋ ପାଦ ତଳେ ମୁଁ ଦେଖେ
ସତ୍ୟ ସହ ଯୁଦ୍ଧ କରୁଥିବା
ମୋର ଶତ୍ରୁ ମାନଙ୍କୁ ,
ଯୋଉ ମାନେ ତ୍ରାହି ତ୍ରାହି ଡାକ ପାରୁଥାନ୍ତି
ରକ୍ତ ବାନ୍ତି କରି ।

ମା' ତୋର ଅଭୟ ହାତ ଦେଖିଲେ
ମୋର ଜନ୍ମ ଜନ୍ମର ଦୁଃଖ ମାନେ
ଲମ୍ଫଦେଇ ଚମ୍ପଟ ମାରନ୍ତି ଓ
ଶରଣ ପଶନ୍ତି ନର୍କରେ ।

ମୁହୂର୍ତ୍ତେ ତୁ ଅନେଇ ଦେଲେ
ଫଣା ଟେକି ଧାଇଁ ଆସୁଥିବା କାଳ ସର୍ପମାନେ
ପାଲଟି ଯାଆନ୍ତି ପାଣି ଧଣ୍ଡା ।

ମୋର ଆର୍ତ୍ତସ୍ୱର ଶୁଣିଦେଲେ
ତୁ ଆସି ଠିଆ ହେଇଯାଉ ସହସ୍ରେ ଅସ୍ତ୍ର ଧରି
ଶତ୍ରୁ ମୁହଁରେ ।
କେତେବେଳେ କାଟି ପକାଉ
ପ୍ରତିପକ୍ଷର ଜ୍ୱାଳାମୁଖି ଜହରବୋଳା ଜିଭ
ଆଉ କେବେ ତା' ସଜ ରକ୍ତରେ
ଓଦା କରିଦେଉ ସମଗ୍ର ଉତ୍ତପ୍ତ ମରୁଭୂମି
କେବଳ ମୋ'ରି ପାଇଁ ,
କ୍ଷଣେ ଦୁଃଖରୁ ମୋତେ ଉଦ୍ଧରିବା ପାଇଁ ।

ତୋର ଘଣ୍ଟ ତଳେ ଘୋଡାଇ ରଖି ଥା' ମା'
ମୋତେ ,ଜନ୍ମ ଜନ୍ମ ।
ତୋର ମାଧୁର୍ଯ୍ୟ ଭରା ନାମ ଥାଉ
ମୋ ଜିଭ ଅଗରେ।
ମୋର ଦେହ ମନ ସହ ଆତ୍ମା ଏକା କାର
ହେଉ
ତଲ୍ଲୀନ ରହିଥାଉ ତୋର ପାଦପଦ୍ମରେ ।

-----------------------------------------

**ଗବେଷକ**
**କୋରାପୁଟ ସାହିତ୍ୟ ଇତିହାସ**
**ସୃଜନୀ ନିଳୟ ,ପୁରୁଷୋତ୍ତମ ନଗର**
**ଜୟପୁର ,କୋରାପୁଟ -୭୬୪୦୦୧**
**ଆଳାପ :୯୯୩୭୦୧୪୮୬୩**

# ନାରୀ କବି ପ୍ରବାସିନୀ ହୋତା ଙ୍କ ଦୁଇଟି କବିତା:



## ଦୃଷ୍ଟିଭଙ୍ଗୀ

ଆକାଶଛୁଆଁ ସୌଧ ସବୁକୁ ଦେଖି ଦେଖି
ଯେତେବେଳେ ଈର୍ଷା ଲାଗିବା ଆରମ୍ଭ ହୁଏ
ସେତେବେଳେ ନିର୍ନିମେଷ ଆକାଶକୁ
ଦେଖି ନେବା ଭଲ,
ଈର୍ଷା ଶୂନ୍ୟ ହୋଇଯାଏ ଆଖି ।

ରୋଜ ରୋଜର ଅଶାନ୍ତି ରେ
ଜୀବନ କୋଳାହଳମୟ ହେଲେ,
ସମୁଦ୍ରକୁ ଦେଖିନେବା ଭଲ
ଦେଖିବ, ଅଶାନ୍ତ ସମୁଦ୍ର ବି
କେମିତି ପୋଛିନିଏ ମନର ସବୁ ହଳାହଳ ।

ଯେତେବେଳେ ଦେବା ନେବାର ହିସାବ
କରିକରି ଥକିଯାଏ ମନ,
ସେତେବେଳେ ପ୍ରେମ କରିନେବା ଭଲ,
ଜୀଇଁ ଯିବାକୁ ଏକ ବେହିସାବ ଜୀବନ ।

## ମୁନୁଷ୍ ଆରୁ ଘା'

କିଛି ଲୋକ ଏନ୍ତା ଥିସନ୍
ଯେନମାନେ ଦୁସରା ଲୁକକୁଁ
ଖାଲି ଘା' ହିଁ ଦେଇ ଜାନସନ୍ ।
ଘା' ଦୁଖ୍ ଦେଲା କି ସୁଖ୍
ଜାନବାର୍ ତାକର୍ ଆରୁ ଚାହନା ନାଇଁ ଥାଏ ।

ଆରୁ କିଛି ଲୋକ ଥିସନ୍
ଯେନମାନେ ଘା' ଭି ଦେସନ୍
ଆରୁ ତାର୍ କଲବଲ୍ କେ ଦେଖି କରି
ଦାଁତ ଚିପି ଚିପି ହସୁଥିସନ୍ ।

ଫେର୍ କିଛି ଲୋକ ଏନ୍ତା ଭି ଥିସନ୍
ଯେନମାନେ ଘା'କେ
ସୁଆଁଲି ଆନଲା ବାହାନା ଥିଁ
ଚାହାଲି ଦେଇଯାଏସନ୍ ।

ହେଲେଁ...କହ ତ ସଥେଁ !!
କେତେ ଲୋକ ଏନ୍ତା ଥିସନ୍ ??
ଯେନମାନେ ଲାଲ୍ ଜରଜର୍ ଘା'ର୍
ରକତ୍ ଧାରକ ବେମତଲବ୍
ପୁଛିନେବାର୍ କେ ଆଗଭର୍ ହେସନ୍...!!

**ଭଟଲି ଛକ, ବରଗଡ଼**

# ଜୀବନ

ସୁପ୍ରଭା ସାମଲ



କେବେଠୁ ବିଦାୟ ନେଇ ସାରିଛି ବସନ୍ତ
ଏବେ କେବଳ ଜ୍ୱଳନ ନିଦାଘର.....
ଦେହ ସିନା ସିଝୁଅଛି
ତତଲା ଝାଞ୍ଜି ରେ
ମନ କିନ୍ତୁ ଜଳୁଅଛି ଅହରହ
କେଉଁ ଅପ୍ରକାଶ୍ୟ ବେଦନା ବୋଧରେ ।

ପ୍ରତିଶ୍ରୃତି ମାନେ ପାଣିର ଗାର
ପାଲଟିଯିବା ପରେ ଏବେ କେବଳ
ଦହନର ତପ୍ତ ଧୁସରତା...

ଭୋଗି ସାରିଲିଣି ଶୂନ୍ୟତାକୁ ସାଥୀ କରି
ଜୀବନ ଜୀଇଁବାର ଗୁଡ଼ାଏ ଯନ୍ତ୍ରଣା।

ଆଜି ହୁଏତ ଜୀବନଟା
ଅବେଳ ବୈଶାଖୀ ଝଡ
ତଥାପି ଭୟ ନାହିଁ
ନିଦାଘର ଅସହ୍ୟ ରୌଦ୍ରତାପକୁ
ସହିଯିବାର ସାମର୍ଥ୍ୟ ପଣରେ
ମୋ'ଭିତରେ କୃଷ୍ଣଚୂଡ଼ାର ଦମ୍ଭ...

ହୃଦୟର କରୁଣ ଆବେଗ ହେଉ କି'
ଆଖିର ଅଶ୍ରୁବୁନ୍ଦା
ଛାତି ତଳେ କବର ଦେଇଦେବାରେ
ମୁଁ ଏବେ ବେଶ ପାରଙ୍ଗମ।

ଅହଂକାର ର ଇମାରତ ମାନଙ୍କୁ
କ୍ଷଣକେ ଦୋହଲାଇ ଦେବାର
ସାହସ ଓ ଧୈର୍ଯ୍ୟ
ଚିର ସହଚର ମୋର।

ଯନ୍ତ୍ରଣାର ଜହର ପିଇ ପିଇ
ନିଃଶେଷ ହେଉଥିଲେବି'
ପ୍ରତି ମୁହୂର୍ତ୍ତରେ ପୁଣି ଥରେ
ନୂଆ କରି ତିଆରି କରୁଛି ନିଜକୁ
ହସି ହସି ସ୍ୱାଗତ ଓ ସାମ୍ନା
କରିବାକୁ ଜୀବନକୁ
କାରଣ ସବୁ ଯନ୍ତ୍ରଣା ଭିତରେବି
ଜୀବନ ଖୁବ ସୁନ୍ଦର.....!

**ମାହାଙ୍ଗା, କଟକ।**

# କବି ରମେଶ ଚନ୍ଦ୍ର ପସାଏତ୍ ଙ୍କ ଦୁଇଟି କବିତା:



## ନିଶଙ୍କୋଚ ମୁକ୍ତ ଅଙ୍ଗୀକାର

ଆଉ ଟାଣ ବହପ ବା କେତେଦିନ
ତୁମେ ଆକାଶରେ ଉଡୁଛ ବୋଲି ଜାଣ--
ଏ ମଣିଷ ଗୁଡାକ କେଡେ ଛୋଟ ନା ?
ତମ ପାଇଁ ସ୍ୱର୍ଗ ଆଉ  ଅଳ୍ପ ବାଟ ଥିବ
ମହମହ ବାସୁଥିବ ଦିବ୍ୟ ପାରିଜାତ
ଆଉ ନାଚୁଥିବେ ଅସୁମାରି ପରୀ
ଏଠି କିନ୍ତୁ ସ୍ୱପ୍ନମାନେ ବର୍ଣ୍ଣିଳ ଇନ୍ଦ୍ରଧନୁ ପରି
କେତେ ସୁନ୍ଦର ଅକଥ ପରିତୃପ୍ତି
ତୁମେ  ପୁଞ୍ଜିପତି  ଆଗଧାଡିର ବିଭୁତି
ତୁମେ ବାହାଦୂରି ନିଅ
ପ୍ରତିଶୃତିକୁ  ପାଣିଗାର କରି
ଆମେ କିନ୍ତୁ  ନିପଟ ମଫସଲି
ଏଠି କାହା ପାଇଁ କିଛି ଭଲ କଲେ
ଅନୁଭବୁ ଅନୁକୂଳ ଆନନ୍ଦଲହରୀ
ତପସିଦ୍ଧ ଅସୁରର ଇଚ୍ଛାପରି-
ହୁଏତ ତୁମେ ହୋଇପାର ଅମର
ଆମେ କିନ୍ତୁ ପରସ୍ପର ପ୍ରେମମୟ
ବୈକୁଣ୍ଠ ବେଭାରେ
ହର୍ଷିଳ ବଦନେ, ମୃତ୍ୟୁରେ କରୁଁ
ନିଃଶଙ୍କୋଚ ମୁକ୍ତ ଅଙ୍ଗୀକାର  ।

------------------------------------

## କିଛି ବିଷ୍ ନୁହେ

ରିସମି ଜୁଏ ଜାଲି ନେସି ସୁନ୍ଦର ଘର କୁରିଆ
ଶାନ୍ତି ପିରତି ବୁନିନେସି କେ ମାଥବର କମିହାଁ
ଚେଷ୍ଟା " ପାଏବାର" ଜୟକାର କରି
ଥେଭାସି ମନ ଚଏତନ୍
ଆଲସ୍ ଫସକୋ ହଧରି ନେସି
ବିଗଡେି ଧରମ୍ କରମ୍  ।
ମାଏପୋ ଘଏତା  ଭାଏ ବହେନର୍
ବିଶ୍ୱାସେଁ ଅମୃତ ଝରନ୍
ଢୁକିଗଲେଁ ଇନ ଅବିଶ୍ୱାସ  ଡିଆଁ
ଚର୍ବା ଦେହର୍  ବରନ୍   ।
ଏଛେନ୍ ଅଛୁଁ କାଲହିର୍  ନାଇଁ
ଜୀବନ୍ ପବନ୍ ଅଟକିଗଲେଁ
ଦେହେଟା ଗନ୍ଧରି ଭୂଇଁ   ।
ଭାବର୍ ଡୁରେଁ ଜୁରୈହେଇ କରି
ପ୍ରେମ୍ ନଜରେଁ ଦେଖଲେଁ ଦୁନିଆଁ
କିଛି ବିଷ୍ ନୁହେ ଅମୃତ ସବୁ
ହାନି ଲାଭ୍ ତ ଲାଗିଛେ ଲାଗବା
ମୁନୁଷ୍ ପନ୍ ଟା   ବିକୈଗଲେଁ
କିଏ ମୁଇଁ କିଏ ତୁଇଁ
ଏଛେନ୍ ଅଛୁଁ କାଲହିର୍ ନାଇଁ
ଜୀବନ୍ ପବନ୍ ଅଟକି ଗଲେଁ
ଦେହେଟା ଗନ୍ଧରି ଭୂଇଁ    ।

---------------------------------

**ସଂସ୍କୃତ ଶିକ୍ଷକ**
**ନଟବର ଉଚ୍ଚବିଦ୍ୟାଳୟ କଣ୍ଡେଇକେଲା**
**ଝାରସୁଗୁଡା / ମୋ : ୯୭୭୭୩ ୯୪୫୫୮**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ତପ୍ତ ବୈଶାଖି ହେ !

ବନ୍ଦିତା କର

ତପ୍ତ ବୈଶାଖି ..ତବ ତୀକ୍ଷ୍ଣ ରଶ୍ମି ତୀର ବିଦ୍ଧ
ପ୍ରେମିକଟିଏ ମୁଁ ....।

ତିଳ ତିଳ ସନ୍ତୁଳିତ....ତୁହା ତୁହା ଆକ୍ରୋଶିତ
ତଥାପି ବି ତୃପ୍ତ   ,ସିକ୍ତ ,ଅନୁରକ୍ତ...ପ୍ରେମିକଟିଏ ମୁଁ !
ତପ୍ତ ବୈଶାଖି ତବ ତୀକ୍ଷ୍ଣ ରଶ୍ମି ତୀର ବିଦ୍ଧ
ପ୍ରେମିକଟିଏ ମୁଁ...।

ପ୍ରତ୍ୟୁଷରେ ମଲ୍ଲିକାର ଭୁରୁ ଭୁରୁ ଗନ୍ଧ
ସେ କି ଅବା  ମୋ ପ୍ରିୟାର ଶରୀର ସୁଗନ୍ଧ
ପ୍ରାଚୀଦିଗେ ଅରୁଣିମା  ରଙ୍ଗାୟିତ   ନଭ
ସେ କି ଅବା ,ମୋ ପ୍ରିୟାର ବସନ ବିଭାବ
ଅନେକ ରୁକ୍ଷତା ମଧ୍ୟେ ..ଲୁକ୍କାୟିତ ସୌନ୍ଦର୍ଯ୍ୟର
ଅନୁଭବେ ଅଭିଷିକ୍ତ ପ୍ରେମିକଟିଏ ମୁଁ ।
ତପ୍ତ ବୈଶାଖି..ତବ ତୀକ୍ଷ୍ଣ ରଶ୍ମି ତୀର ବିଦ୍ଧ
ପ୍ରେମିକଟିଏ ମୁଁ... ।

ମୌସୁମିର ଜନ୍ମଦାତ୍ରୀ ନିଦାଘ ହେ ତୁମେ
ଦେଖିଛି ମୁଁ ତୁମ ଠାରେ ସ୍ୱପ୍ନ ସର୍ଜନାର
ଆମ୍ରବନେ ଗୁଞ୍ଜରିତ  କୋକିଳ କୂଜନେ
ଶୁଣିଛି ମୁଁ ମଧୁଗୀତି ପ୍ରାଣ ସଙ୍ଗୀତର
ଏକାମ୍ ସାଧନା ତବ...ରଚିବାକୁ ପୁନଃ ସବୁଜିମା !
ତବ ତ୍ୟାଗେ ବିମୋହିତ ପ୍ରେମିକ ଟିଏ ମୁଁ.!
ତପ୍ତ ବୈଶାଖି ତବ ତୀକ୍ଷ୍ଣ ରଶ୍ମି ତୀର ବିଦ୍ଧ
ପ୍ରେମିକ ଟିଏ ମୁଁ !
ପ୍ରେମିକ ଟିଏ ମୁଁ .....!!!



ନୂଆବନ୍ଧସାହି,ନବରଂଗପୁର

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# କୃପା କର ..

ରତିକାନ୍ତ ଦୁବେ

କାହା କୃତକର୍ମ ଏଯେ
କିଏ ଏତେ ନିଶାଗ୍ରସ୍ତ
ବସୁଧା ବି ହେଲାଣି ଅଧିର
କାହାର ଲୁହର ନଈ
ରକ୍ତ ହୋଇ ବହିଲାଣି
କାହା ଆର୍ତ୍ତନାଦେ ଝାଞ୍ଜି,
ହୁଅଇ ପ୍ରଖର .... ।

କାହାର ଚିତ୍କାର ଶୁଣି
ପ୍ରକୃତି କାନ୍ଦଇ ପୁଣି
ସପ୍ତସୂର୍ଯ୍ୟ ଫିଙ୍ଗଇ ଅନଳ
କେଉଁ ଦୋଷେ କେଉଁ ରୋଷେ
ଦେଖ ଆନ୍ଧ ଚଉପାଶେ
ନୀରବ ସମୀର ପୁଣି ଦୁଷ୍ପ୍ରାପ୍ୟ
ସେ ,ଝରଣାର ଜଳ .... ॥

ଏବେ ତ' ମୁଣ୍ଡରେ ଆମ,ସାପ
ବେଙ୍ଗ ସରୀସୃପ ବିଛାର ପ୍ରାବଲ୍ୟ
ନିଶ୍ୱାସରେ ନିଆଁ ଆଉ
ବିଶ୍ୱାସେ ଗରଳ
ଅବଶ ଶରୀର ଆଉ ଅତୃପ୍ତ ଯେ ପ୍ରାଣ
ପାଦ ତଳୁ ଧସିଯାଏ ମାଟି
ହୁତୁହୁତୁ ଅରଣ୍ୟ ସେ
ଫୁତ୍କାରୀ ବାହୁନି କାନ୍ଦେ
ଲାଗେ ଯେହ୍ନେ କ୍ରୋଧାନ୍ବିତ
ସୂର୍ଯ୍ୟଦେବ ,ନାଶିବେ ଧରଣୀ ....॥

କାଳର ଇଏ କି ଲୀଳା
ବିଜ୍ଞାନର ଏକି ଅଭିଶାପ
ଧୂଆଁର ସହର ମଧ୍ୟେ
ଶବର କବର ପାଇଁ
ମାଟି ବି ଦୁଷ୍ପ୍ରାପ୍ୟ
ମୁଠାଏ ଶୀତଳ ବାଆ
ମୁନ୍ଦାଏ ଅମୃତଜଳ ଅଭେଦ ଅଲଭ୍ୟ
ହେଲେବି ଜୀବନ କିଆଁ ନିଷ୍ଠୁର ଏ
ସତ୍ୟପ୍ରତି ଏତେ ବୀତସ୍ପୃହ .....॥

ତଥାପି ବିଶ୍ୱାସ ମୋର ରହିଅଛି
ରହିଥିବ ନୁହେଁ ଭୂଲିବାର
ପୃଥିବୀ, ପ୍ରକୃତି ସୃଷ୍ଟି ସନ୍ତାନ ମୁଁ
ସ୍ରଷ୍ଟା ତୁମେ ତା'ର
ଯାଣେ ତୁମେ କ୍ଷମାମୟ
ପ୍ରେମମୟ ଶାସ୍ୱତ ସାଗର
ପ୍ରଭୂ ତୁମେ ,ମୁକ୍ତକର, କୃପାକର
ଜଗତକୁ ଏ ତାତିରୁ ରକ୍ଷାକର,
ହେ ମୋର ଇଶ୍ୱର .....॥

------------------------

ଗାନ୍ଧୀନଗର
ନବରଂଗପୁର

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଡକ୍ଟର କୃତ୍ତିବାସ ନାୟକ ଙ୍କ ନିତ୍ୟ ନୂତନ କବିତା :



## ଭଲ ଲୋକ ଅଛନ୍ତି

କେତେକ କହନ୍ତି ଏଇ ଦୁନିଆରେ
ନାହିଁ ଜଣେ ଭଲ ଲୋକ,
ଯେଣି କି ଚାହିଁଲେ ଦିଶନ୍ତି ମଣିଷ
ସତେ ମଇଁଷିଆ ଜୋକ। ।।୧।।

ଖଳବଳ ଚୋର ଠକମୟ ଏଇ
ସଂସାରଟା ହେଇଗଲା,
କେମିତି ମେଦିନୀ ସହିଛି କେଜାଣି
ଧର୍ମ ବି ଉଭେଇ ଗଲା । ।।୨।।

କହୁଥିବା ଲୋକ ଭଲ ହେଇଥିଲେ
ହୁଅନ୍ତେ ପ୍ରଥମ ବ୍ୟକ୍ତି,
ତାକୁ ଅନୁସରି ଆଉ ଜଣେ ଜଣେ
ବଢାନ୍ତେ ଧର୍ମର ଶକ୍ତି ।।୩।

ଭଲ ଲୋକ କେତେ ଅଛନ୍ତି ଜଗତେ
ତେଣୁ ଏ ସଂସାର ଚାଲେ,
ଅଳପ ସଂଖ୍ୟାର ଖଳ ଲୋକ ପାଇଁ
ସମାଜ ଶୃଙ୍ଖଳା ହଲେ । ।।୪।।

ଆମେ ବଦଳିଲେ ଯୁଗ ବଦଳିବ
ଏକଥା ରଖିବା ମନେ,
ଆମେ ଭଲହେଲେ ସବୁ ଭଲହେବ
ବଦଳିବେ ଜଣେ ଜଣେ । ।।୫।।

---------------------------------

ଶୈଳଶ୍ରୀ ବିହାର
ଭୁବନେଶ୍ବର.୭୫୧୦୨୧
ଫୋନ. ୯୯୩୭୭୪୩୫୦୮

## କଥା ଏମିତି

ବାଘଟିଏ ଦିନେ ପେଟେ ମାଂସ ଖାଇ
କରିଥିଲା ମନବୋଧ,
ଝରଣା କୂଳରେ ପାଣି ପିଉପିଉ
ଭେଟିଲା ଗୋଟାଏ ଗଧ ।।୧।

କୁଆଡ଼େ ଯାଉଛୁ ଭଲରେ ଅଛୁ ତ
ତାକୁ ପଚାରିଲା ବାଘ,
ଗଧ ଖୁସିହେଇ କହିଲା ଚରିବି
ଖୋଜୁଛି ଘାସ କି ଶାଗ । ।୨।

ଶାଗ କଥା ଶୁଣି ବାଘ ପଚାରଲା
ଶାଗ କେମିତିକା ରଂଗ ?
ଗଧ କହିଦେଲା ଶାଗୁଆ ଜାଣିନା ?
ହେଇଛ ଜଙ୍ଗଲୀ ବାଘ ! ।୩।

ବାଘ ବିଚାରିଲା ଗଧଟାଏ ଆଜି
ବଡ଼ ଅପମାନ ଦେଲା,
ସତ କହିଲେ ବି ଗଧ ବୋକା ବୋଲି
ପ୍ରମାଣିତ କଲେ ହେଲା । । ୪।

ରଡ଼ିଛାଡ଼ି ବାଘ କହିଲା ରେ ଗଧ
ଜାଣିନାହୁଁ ଶାଗ ରଂଗ,
ସବୁଜ ରଂଗକୁ ଶାଗୁଆ କହୁଛୁ
ଦେଖଉଛୁ ନୂଆ ଢଂଗ।। ୫।

ଦୁହିଁଙ୍କ ଭିତରେ ଯୁକ୍ତି ତର୍କ ହେଲା
ରଜାଂକ ପାଖକୁ ଗଲେ,
ଗଧ କଥାଶୁଣି ପଶୁରାଜା ସିଂହ
ବାଘକୁ ଗିରଫ କଲେ। ।।୬।।

ବୁଝାଇ କହିଲେ ଦୁହିଁଙ୍କର କଥା
ଅବଶ୍ୟ ଅସତ୍ୟ ନୁହଁ,
ଗଧପରି ନୀଚ ବୋକା ଜୀବ ସାଥେ
ବାଘ ଯୁକ୍ତି ଦଣ୍ଡନୀୟ । ।୬।

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଋତୁରେ ଆସିଛି ନିଦାଘ

ଜୟଶ୍ରୀ ପଟ୍ଟନାୟକ

ଛ' ଋତୁ ଆଣି ବରଷ ଟା ପରା
ଆସୁଥାଏ ସଦା ମହୀରେ
ଗ୍ରୀଷ୍ମ, ବର୍ଷା, ଶୀତ ଅନୁଭବ ପରା
ଦେହକୁ ଲାଗେ ବେଶୀରେ । ୧ ।

ଜଳଛତ୍ର,ଜଳଦାନ ଦେଖିଦେଲେ
ମନେ ପଡେ ଗ୍ରୀଷ୍ମ ଦିନ
ଟାଣ ଖରା ଆଉ ପ୍ରଖର ରଶ୍ମି
ବ୍ୟଥିତ କରେ ଜୀବନ ।୨ ।

ଝାଉଁଳି ପଡ଼ନ୍ତି ତରୁ ଲତା ଗଣ
ବନ ଶୋଭା ନଷ୍ଟ ହୁଏ
ନଦୀ, ନାଳ କୂପ, ପୋଖରୀ, ଗାଡ଼ିଆ
ସବୁ ଜଳ ଶୁନ୍ୟ ହୁଏ ।୩ ।

ରୌଦ୍ର ତାପରେ ଆମ୍ବ, ପଣସ ଆଉ
ତାଳ, ଖଜୁରୀ ପାଚେ
ଝାଞ୍ଜି ପବନ, ଗ୍ରୀଷ୍ମ ଦାଉ ସହି
ମଣିଷ ଝାଳକୁ ପୋଛେ ।୪ ।

ମାଛକାତି ପରି ମେଘଖଣ୍ଡ ମାନ
ଆକାଶ କୁ ଢାଙ୍କିଥାନ୍ତି
ରଜନୀ ରାଣୀ ଖୋଲିଲେ ଓଢଣା
ଛାଇ ନିଦେ ଶୋଉଥାନ୍ତି ।୫ ।

ଗରା, ମାଠିଆ, ବାଲଟି ବୋହି ଆଣି
ରାସ୍ତା କଡେ ରଖିଥାନ୍ତି
ପାଣି ମୁନ୍ଦାଏ ନ ପାଇଣ ଜନେ
ହନ୍ତସନ୍ତ ହେଉଥାନ୍ତି ।୬ ।

ବୃକ୍ଷ ଲତା ବିନା ସ୍ଥିତି ଅସମ୍ଭବ
ଜଳ ବିନା ଏ ଜଗତ
ଗଛ ଲଗାଇ ସବୁଜ କରିଲେ
ଘୁଞ୍ଚିବ ଦୁଃଖ ରେ ମିତ ।୭ ।

ପରିବେଶେ ସନ୍ତୁଳିତ ନ ହେଲେ
ଅଂଶୁଘାତ ରୋଗ ହୁଏ
ଲେମ୍ବୁ ସରବତ, କାଞ୍ଜିପାଣି, ତୋରାଣି
ବେଶି ପିଇବାକୁ ହୁଏ ।୮ ।

ଛତା, ଚପଲ,କଳା ଚପଲ ପୁଣି
ମୁଣ୍ଡରେ ଓଦା ଗାମୁଛା
ପାଣି ବୋତଲ କୁ,ଦହି ସରବତ
ହାତରେ ରୁମାଲ ପୋଛା ।୯ ।

ପଖାଳ ସେ ଆମ ପ୍ରିୟ ପଖାଳ
ନିଦାଘ କୁ ହରିନିଏ
ଶାଗ,ବଡିଚୁରା,ମାଛଭଜା ସହ
ଦିନ ଟା ଭଲରେ ଥାଏ ।୧୦ ।

ନ ପାଇ ପାଣି ଭୂଇଁ ଫାଟିଯାଏ
ଚାଷୀ ଦିଏ ମୁଣ୍ଡେ ହାତ
ଥିଲା ବାଲା ଖାଏ ତିନି ଓଳି ସିନା
ପାଏନା ମୁଠାଏ ଭାତ ।୧୧ ।

ପରିବେଶ ଆମ ସନ୍ତୁଳିତ ହେଲେ
ନ ଥିବ ଆଉ ସେ ଦୁଃଖ
ଜଳକୁ ଏବେଠୁ କରିଣ ସଞ୍ଚୟ
ପାଇବାରେ ସବୁ ସୁଖ ।୧୨ ।

ଗଙ୍ଗନଗର,ଭୁବନେଶ୍ୱର / ମୋ :୯୪୩୮୩୬୮୯୬୭

# ହେ ନିଦାଘ !

ସବିତା ଶତପଥୀ



ହେ ନିଦାଘ !
ବେଳ ଥିଲା ବେଳେ
ହୃଦୟତନ୍ତ୍ରୀରେ ଉଠିଥିବା
ବେକାବୁ ଜୁଆରକୁ
ଆୟତ୍ତ କରି ପାରିଲିନି,
ପ୍ରେମ କଲି ତୁମକୁ ।
ତୁମ ପ୍ରେମରେ ଏତେ ମସଗୁଲ ଯେ
ତୁମେ ଯେତେ ବୁଝେଇଲେ ବି
ଆଖିରୁ ଜମା ଖୋଲିଲିନି
ଅନ୍ଧପୁଟୁଳି,
ଏଯାବତ୍ ଭଲପାଏ ତୁମକୁ ।

ସବୁଜ ରଙ୍ଗ ସବୁ ଲୁଟି ନେଲ ମାଟିରୁ
ଧୂସର କରିଦେଲ ସବୁଜିମା
ତଥାପି ତ ପଛଘୁଞ୍ଚା ଦେଇନି
ନିଃସର୍ତ୍ତରେ ବଢ଼ିଛି ଆଗକୁ
ତୁମକୁ ଆପଣେଇ ନେବାକୁ ।

ହେ ନିଦାଘ !
ପ୍ରତି ଥର ସତର୍କ କରିଛ ଅବଶ୍ୟ
ରୌଦ୍ର ତାପରେ ଡହଡହ ଜଳିବା ଛଡା
ଆଉ କିଛି ପାଇବିନି ତୁମଠୁ,
ମୁଁ ଜାଣେ ତୁମେ
ଶୋଷିନେବ ନିର୍ମମ ଭାବରେ
ଶେଷ ବିନ୍ଦୁ ଜଳ ,ଶେଷ ବିନ୍ଦୁ ପ୍ରାଣ
ତଥାପି କାହିଁକି କେଜାଣି
ପ୍ରାଣଭରି ଭଲପାଏ ତୁମକୁ ।

ହେ ନିଦାଘ !
ଆଜି ଶେଷ ପ୍ରୀତି ଉପହାର
ଲୋଡୁଛି ତୁମଠୁଁ ।
ନିଃସଙ୍କୋଚେ ବଢେଇ ଦିଅ
ତୁମ ହାତେ ଥିବା ଅଂଶୁଘାତଟିକୁ ।
ସଦ୍ୟ ପ୍ରସ୍ଫୁଟିତ ଗୋଲାପଟେ ଭାବି
ଆଦରି ନେବି ମୁଁ ତୁମଠୁ !
କହିଛି ନା ,
ପ୍ରାଣଭରି ଭଲପାଏ ତୁମକୁ ।

**କୁନ୍ଦୁରା,ଜୟପୁର**
**ଓଡ଼ିଶା**

# କବି ଶ୍ରୀ ଡମ୍ବରୁଧର ବାଗ ଙ୍କ "ଗ୍ରୀଷ୍ମ" କୁ ନେଇ ଦୁଇଟି କବିତା:

## ।୧। ଗ୍ରୀଷ୍ମ



ଧିରେ ଧିରେ ଖରା ଆସୁଛି ମାଡି
ବିପଦ ଆଗକୁ ଆସୁଛି ଗଡି ।
ସାବଧାନ ସାବଧାନ ।
ଅଂଶୁଘାତ ପାଇଁ ଅବହେଳା ହେଲେ
ଚାଲିଯାଇ ପାରେ ପ୍ରାଣ।
ଅଂଶୁମାନ ଆଜି ଯାଉଛି ଜଳି
ଉତ୍ତପ୍ତ ନିଆଁକୁ ଦେଉଛି ଢାଳି।
ନଈନାଳ ଶୂନ୍ୟ ଶୂନ୍ୟ ।
କେତେ ବଡ ଗ୍ରୀଷ୍ମ ଆଗକୁ ଆଗକୁ
କେମିତି କଟିବ ଦିନ ।
ରାସ୍ତା ଘାଟ ସବୁ ଛିନ୍ନ ଛତର
ଚିହ୍ନ ବର୍ଣ୍ଣ ନାହିଁ ଗଛଲତାର।
ହେଲାଣି ଯେ ଛାରଖାର।
ଦିନ କେଇଟାରେ ଆଖି ପଲକରେ
ଗାଁ ପାଲଟିଛି ସହର ।
ଚାରିଆଡେ ଖାଲି ସିମେଣ୍ଟ କଂକ୍ରିଟ
ଦିଶୁନି ଆଖିକୁ ମାଟିର ବାଟ ।
ବିଳରେ ଦିଶୁଛି ଘର
ବେଳଠାରୁ ସାବଧାନ ନ ହେଲେ
ଅମୃତ ବି ହେବ  ଜହର ।
ବସନ୍ତ ହଜିଛି ଗାଁ ଦାଣ୍ଡରେ
କୋଇଲି ଗାଉନି ଆମ୍ର କୁଞ୍ଜରେ ।
ଆମ୍ବ ବଉଳ ଯାଉଛି ଝରି।
ଜୀବନ ଜୀଇଁବା ଅସମ୍ଭବ ହୁଏ
ବଞ୍ଚୁଥିବା ମରି ମରି ।
ଜଙ୍ଗଲ ହେଲାଣି କେବେଠୁ ପଦା
ଜୀବଜନ୍ତୁ ତାଙ୍କ ଘରଠୁ ବିଦା
ହେଲେଣି ସେ ଗାଁ ମୁହାଁ ।
କଳକାରଖାନା ଗଢି ଏ ମଣିଷ ଜାତିଟା
ନେଉଛି ସେ ବାହା ବାହା ।
ଆସୁଛି ନିଶ୍ଚିତ ବିପଦ ବେଳ
ସମସ୍ତଙ୍କ ପାଇଁ ବିଷମ କାଳ ।
ନେତ୍ର ଦେଖିବ କି ଦୃଶ୍ୟ ?
ଛଟପଟ ହୋଇ ସମସ୍ତେ ମରିବେ
ଚାଲି ଯିବ ସବୁ ହସ ।

## ।୨। ବିପଦ ଆସିଲ୍ ନେଇ ଯିବା

ବୁର୍ଡି ଗଛ ନାଇଁନ ବୋଲି
ବସିଛେ ବୁଢା ଉତ୍ତର୍ କୁଣେ ।
କେତେ ସୁନ୍ଦର ଶିତଲ ପବନ
ଦଉଥିଲା ସେ ଖରା ଦିନେ।
ଗଛ ଥିଲା ତୋ ବନେ ଥିଲା
ମିଲୁଥିଲା ଭାଏ ଖଣେ ଛାଇ।
ଛାଇ ଆମର ସପନ ହେଲା
ଦୁଖ ଆଏଲା ସତର ଧାଇଁ ।
ମାରି ଦେଲୁ ଆମେ ଗଛ୍ ଖୁଟ୍
ଉଡ଼ିଗଲା ଭାଇ ଚେରେ ବସା ।
ଚେରେ ଚିର୍ମୁଲ ବାଘ୍ ଭାଲୁ
ନାଇ ଦିଶବାର୍ ଆଘୋ ହେନ୍ତା ।
ରହତେ ବେଲେ ବାଘ୍ ଭାଲୁ
ପରିବେଶ ସିନା ରକ୍ଷା ହେତା ।
ପାଗ ରାଗ ବଦଲି ଯାଉଛେ
ଖରା ବଢୁଛେ ସହ ଗୁନା ।
କେନ୍ତି ଆମର ସମିଆ କଟବା
ନେଇ ପଡୁଛେ ଆମକୁ ଜନା ।
ସଭେ ଆମେ କଣା ହଉଛୁ
ଜାନି ଜାନି କରି ସବୁ କିଛି ।
ବିପଦ ଆସି ଜୀବନ ନେବା
ସମକୁ ଦେଖି ବାଛି ବାଛି ।

(ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି)

# ମନକୁ ଆଗ ପାଏ

ଡକ୍ଟର ସଚ୍ଚିଦାନନ୍ଦ କର



ସକାଳ ଆଣେ ନାଲି ସୁରୁଯ
ବୁଣି ପଡଇ ଖରା
ଖରା ପଡିଲେ କେଡ଼େ ସୁନ୍ଦର
ଦିଶଇ ଆମ ଧରା । ୧ ।





ଆଷାଢ଼ ଆଣେ ମେଘ ବରଷା
ଆକାଶୁ ଝରେ ପାଣି
ପାଣି ଝରିଲେ ମନ ଖୁସିରେ
ନାଚେ ବେଙ୍ଗୁଲୀ ରାଣୀ । ୨ ।



ଶୀତଟା ଆଣେ ଶୀତଳ ବାଆ
ବହେ ସେ ଥିରିଥିରି
ଫୁଙ୍ଗୁଳା ଦେହେ ବୁଲିଲେ ଦେହ
ଲାଗଇ ଶୀରି ଶୀରି । ୩ ।



ଉଆଁସ ଆଣେ କଳା ଅନ୍ଧାର
ଆକାଶେ ଦିଶେ ତାରା
ଅନ୍ଧାର କୋଳେ ଧରଣୀ ଲୁଚେ
ଲୁଚନ୍ତି କାଉ ପାରା । ୪ ।



ଜହ୍ନଟା ଆଣେ ରୁପା କିରଣ
ଜୋଛନା ପଡେ ଝରି
ବଣ ପାହାଡ ସବୁ ତ ହସେ
ରୁପା ଆଲୁଅ ଧରି । ୫ ।



ବସନ୍ତ ଆଣେ ମଳୟ ବାଆ
ଦେହକୁ ସିଏ ହିତ
ଲୁଚି ଛପିକି ଗଛର ଡାଳେ
କୋଇଲି ଗାଏ ଗୀତ । ୬ ।

ଅଜା ଆଣନ୍ତି ଜିଲାପି ଗଜା
ଖୁସିରେ କୁନା ଖାଏ
ଖୁସିରେ ଥିଲେ ଯାହା ବି ହେଉ
ମନକୁ ଆଗ ପାଏ । ୭ ।

' ନିର୍ମାଲ୍ୟ ',ନୂଆପଡା, ନୟାବଜାର, କଟକ-୪

# କାଳିଆ କହ୍ନେଇ ମାଟିଖିଆ ହସ

ତ୍ରିଲୋଚନ ପଣ୍ଡା



ମାଟିକି ଅନେଇ ଆକାଶ ରହିଛି
ମାଟି ବି ଚାହିଁଛି ଆକାଶ ଆଡେ
ଭିତିରି କଥାଟି ଦୁହେଁ ଦେଖୁଛନ୍ତି
ତାରା ଫୁଲ ଖେଳ ଦୁଇଟି ନୀଡେ ।।୧।।

କୁଡିଆଟେ ନାହିଁ ଦୁନିଆଁରେ କାହିଁ
ଉପର ଆକାଶେ ତାରା ଉଏଁନା
ମାଟି ଅଗଣାରେ ଛୁଆଟି ମୁହଁରେ
ମାଆ ଡାକ ପାଇଁ ମାଆ ଚାହେଁନା ।।୨।।

ମା ବାପ ଡାକ ହରି ନିଏ ଶୋକ
ନଥାଉ ପଛକେ ବକତେ ଦାନା
ମନ ଭୋକ ପାଇଁ ଦୁନିଆ ମରୁଛି
ଧନ ଦେଲେ ମାଆ ଡାକ ମିଳେନା ।।୩।।

ଦେଖିବାକୁ ଯଦି ଦୁନିଆରେ ଅଛି
ପଢିବାକୁ ଅଛି ଜୀବନ ପୋଥି
ବିଦ୍ୟାଳୟ ଅବା ପାଠାଗାର ନୁହେଁ
ବାଳ ଚପଳତା ଜଗତ ନଥି ।।୪।।

ନଥି ଖୋଲିଦେଲେ ବାଳକ ସୁଭାଷ
ଅବଦୁଲ କାଲାମ ଗାନ୍ଧୀ ବି ଥିବେ
ବ୍ୟାସ ଶୁକଦେବ ବାଲ୍ମୀକ ଶ୍ରୀକୃଷ୍ଣ
ଭଂଜ ରାଧାନାଥ ମେହେର ଥିବେ ।।୫।।

ଏଇମାନେ ଦିନେ ଭାବିଥିବେ ନିଶ୍ଚେ
ମିଛ କହି ଜିତି ଅଛନ୍ତି ଗଡ
ଖୋଜିଲେ ମିଳିବ ଲମ୍ବା ନାଲି ଦାଗ
ବାପା ଦାଦା ଭାଇ ଗୁରୁଙ୍କ ମାଡ ।।୬।।

ଏମାନଂକ ପାଇଁ ଘୋଡା ସାଜିଥିବେ
ଥାଇ ଜେଜେ ଅଜା ବଡ ଲାଆଟ
ଶହେ ମିଛ ଜେଜୀ ନିତି କହୁଥିବେ
ନାତିଆ ମାଆଠୁ ନଖାଉ ଛାଟ ।।୭।।

ବିଶ୍ବ ଦରବାର ବିସ୍ତାର ଲଭିଛି
ସୁଲଭରେ ବହୁ ଦରବ ମିଳେ
କାଳିଆ କହ୍ନେଇ ମାଟିଖିଆ ହସ
ମିଳେ ସାତ ଜନ୍ମ ତପସ୍ୟା ଫଳେ ।।୮।।

---

**ଯୋଗାଯୋଗ - ୯୪୩୯୧୯୭୫୬୦**

# ଇଚ୍ଛା ହୁଏ

ପ୍ରଶାନ୍ତ କୁମାର ନାଥ



ଇଚ୍ଛା ହୁଏ ଭାରି ଶୁଣିବା ପାଇଁକି
ମାଆର ସେ ମିଠା ଗାଳି
ଇଚ୍ଛା ହୁଏ ପୁଣି କରିବା ପାଇଁକି
ଭଉଣୀ ସାଥିରେ କଳି ।

ଝଗଡ଼ା କରନ୍ତି ଭାଇର ସାଥିରେ
କମ ବେଶି ଟିକେ ପାଇଁ
ମିଛରେ ମିଛରେ ବାପାଙ୍କ ଆଗରେ
ହୁଅନ୍ତି ମିଛେ ସଜେଇ ।

ଆଜି ବି ମନରେ ସେହି ଇଚ୍ଛା ଅଛି
ଆକଟ କରନ୍ତେ ବାପା
ଦୁଷ୍ଟ ସାଙ୍ଗ ପୁଣି କମଳା ଖାଇକି
ଆଖିରେ ପକାନ୍ତେ ଚୋପା ।

କୋଳରେ ଶୁଆଇ ଜେଜେମା ମୋହର
କାନରୁ କାଢନ୍ତା ଭୁଆଁ
ଗୁଡ଼ିଆ ବୋହୁଟି ବେପାର ଆଣିଲେ
କିଣି ଦେଉଥାନ୍ତା ମୁଆଁ ।

ଭାରି ଇଚ୍ଛା ହୁଏ ଜେଜେଙ୍କ ପାଖରୁ
ଶଳା ଡାକ ଶୁଣିବାକୁ
ତାଙ୍କ କାନ୍ଧେ ବସି ପୁଣି ଆଉ ଥରେ
ଯାନୀ ଯାତ୍ରା ବୁଲିବାକୁ ।

ଭାରି ଇଚ୍ଛା ହୁଏ ସ୍କୁଲ ଯିବା ପାଇଁ
ସାଙ୍ଗ ସାଥି ମେଳ ହୋଇ
ସାଙ୍ଗଙ୍କ ସାଥିରେ ଖେଳିବାକୁ ଆଉ
କରିବାକୁ ଡିଆଁ ଡେଇଁ ।

ବରଷା ଆସିଲେ କାଗଜ ଡଙ୍ଗା ଟେ
ଅଗଣାରେ ଛାଡିବାକୁ
ଖାଦ୍ୟ ଖାଇ ସାରି ମାଆର କାନିରେ
ମୁହଁ ଟିକେ ପୋଛିବାକୁ ।

ଗାଆଁ ପୋଖରୀରେ ବୁଡ଼ ମାରିବାକୁ
ଏବେ ଭାରି ଇଚ୍ଛା ହୁଏ
କାଦୁଅ ପାଣିରେ ଘାଣ୍ଟି ହେବା ପାଇଁ
ଆଜି ବି ମନଟା ଚାହେଁ ।

ଇଚ୍ଛା ହୁଏ ଭାରି ଟାୟାର ଚକାକୁ
ଆଉଥରେ ଗଡାନ୍ତିକି
ଜୀବନରେ ପୁଣି ସେହି ପିଲାଦିନ
ଆଉ ଥରେ ଆସନ୍ତା କି ? ।।।

---

ସୁନ୍ଦରପୁର,ଉତ୍ତରକୂଳ
ହାଟ୍,ପ୍ରୀତିପୁର,ଯାଜପୁର-୭୫୫୦୧୩

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ରାସ୍ତା

ଡକ୍ଟର ଦିଗରାଜ ବ୍ରହ୍ମା



ଯେଉଁ ରାସ୍ତାରେ ଯାଉଥିଲି ଦିନେ
ସେଠି ତ ନିର୍ଜନତା ନ ଥିଲା
ପ୍ରାଣ ଥିଲା, ପ୍ରାଚୁର୍ଯ୍ୟ ବି ଥିଲା ......।

ଆଜି ସେ ରାସ୍ତାରେ ଚାଲିଗଲେ ଥରେ
ଏମିତି କାହିଁକି ଲାଗେ !
ଯେମିତି ମୁଁ ଶୂନ୍ୟତା ମଧ୍ୟରେ
ଏକ ମହାଶୂନ୍ୟ
କେଉଁ ଏକ ଅନାଦି କାଳରୁ
ଯା'ର ସ୍ଥିତି ନାହିଁ , ବିଲୟ ବି ନାହିଁ ।

ସେ ରାସ୍ତାରେ ଏ ପାଖ ସେ ପାଖ
ଚାହିଁଲେ ବି
କାହାକୁ ମୁଁ ଦେଖେ ନାହିଁ
କେହି ବି ମୋତେ ଥରେ
ମୁଣ୍ଡ ଟେକି ପଚାରନ୍ତି ନାହିଁ,
କେମିତି ତୁ ଅଛୁ ?
କ'ଣ ତୋର ପାଠ ପଢା
ଠିକ୍ ଠାକ୍ ଚାଲିଛି ତ !
ଆଉ କଲେଜର
ହାଲ ଚାଲ କ'ଣ ? "

ସେ ରାସ୍ତା ମୋର ସେମିତି ଅଛି
ମୋତେ କେହି ଚିହ୍ନନ୍ତିନି, ଜାଣନ୍ତିନି
ଏମିତି ମୋର କେହି ବି ନାହାନ୍ତି
ଯାହାଙ୍କୁ ମୁଁ ମଥା ମୋର ନତ କରି
ଆଶୀର୍ବାଦ ଭିକ୍ଷା କରିଥାନ୍ତି ।

ଆଉ
ସେମାନେ ସେମାନଙ୍କର
ଆଶୀର୍ବଚନରେ
ମୋର ମନ ପ୍ରାଣ ଭରି ଦେଇଥାନ୍ତେ
ମୁଁ ବିମୁଗ୍ଧ ହୋଇଥାନ୍ତି,
ସେମାନଙ୍କ
ଆତ୍ମୀୟତାର ଅପୂର୍ବ ମହକେ ।

ସେ ରାସ୍ତା ସେମିତି ଥାଉ
ମୋତେ କେହି ଚିହ୍ନନ୍ତୁ ବା ନ ଚିହ୍ନନ୍ତୁ
ଅନେକ ଆସନ୍ତୁ , ସେମିତି ଯାଆନ୍ତୁ
ମୁଁ ବି ହସି ହସି ଚାଲିଯାଏ
ସେହି ଅସରନ୍ତି ରାସ୍ତାରେ
ଯେଉଁ ପଥେ ସେମାନେ ବି ଚାଲୁଥିଲେ
ଆଜି ମୁଁ ବି ଚାଲୁଛି ।

--------------------------------

ଭୁବନେଶ୍ୱର-୭୫୧୦୨୪



# ପ୍ରକୃତିର ଜୀବନ

ପ୍ରସନ୍ନ କୁମାର ମାଦଳା



ପ୍ରକୃତି କୋଳରେ ସନ୍ତୁଳନ ଯେଣୁ ନାହିଁ
ନିଜ ହାତେ ଜାଣି ଛେଦିଛୁ ଆମର ପାଦ,
ଭାଗ୍ୟ ଦୋଷ କହି ତ୍ରାହି କି ପାଇବୁ କାହିଁ
ବିପର୍ଯ୍ୟୟ ବଳେ ଘାରେ ସିନା ଅବସାଦ ।

କିଏ ସେ ରୋଦଇ ଦୂର ଦିଗନ୍ତର ତଳେ
ଆକୁଳତା ଭରା ଭାବନାରେ କିବା ମଜ୍ଜି,
ପ୍ରବୋଧିବା ଆସ ପରାଣ ଆବେଗ ବଳେ
ସପନ ଆମର କେବେଠୁ ଯାଇଛି ହଜି ।

ଖୋଜିଲେ ଅତୀତ ମିଳିବ କି ଏହି କାଳେ
ସ୍ୱପ୍ନ ନୁହେଁ ସେ'ତ ଅନ୍ତରେ ଫୁଟିଲା ଫୁଲ,
ବାସୁଥିଲା ତାର ଜୀଅନ୍ତା ଶାଗୁଆ ଡାଳେ
ଦିଶେ ଏବେ ଦେଖ ଭୀଷଣ ଅନଳ ଝୁଲ ।

କିଏ ସେ ଲୋଲୁପ ବଳାଇଛି ସ୍ୱାର୍ଥ କାମ
କେଉଁ ପିଶାଚିନୀ ହାତରେ ପଡିଲା ଝରି,
ଗଳାଇ ଲୋତକ ନିରୀହ ନେତ୍ରରୁ ଆମ
ତାର ଅନ୍ୱେଷଣେ ଆୟୁଷ ବି ଗଲା ସରି ।

ସାକାର ସପନ ପାଇଁ ଭାବନାରେ ଭାରି
ତାଡନା ଯାତନା ଶୋଷଣରେ ମର୍ମାହତ,
ହୋଇ କରିଥିଲୁ ଅଲଙ୍ଘ୍ୟ ପ୍ରାଚୀର ପାରି
ଯତନେ ଯାହାର ହେଲୁ ଏବେ ପରାହତ ।

ଅନ୍ତରୀକ୍ଷେ ଦେଖ ଆହ୍ୱାନ ଆସଇ ପୂରି
ଫାଟେ କି ଅନ୍ତର ସୁଦୂର ମେଦିନୀ ତଳୁ ,
ଜାଗେ କି ଚେତନା ଅନିଳ ବଳୟେ ଘୂରି
ପ୍ରବଞ୍ଚକ ଯେତେ ପରମାର୍ଥ କଲେ ଚଳୁ ।

ମାନବତା ହିତେ ଆସରେ ସନ୍ତାନ ବୀର
ଅଧୋଗତି ବାରି ଓଗାଳି ରଖ ହେ ପଥ,
ଦୁଃଖରେ ମେଦିନୀ ହୃଦୟୁ ବୁହାଏ ନୀର
ସବୁଜିମା ବଳେ ଫେରାଅ ଜୀବନ ପଥ ।

---

ଘର ନଂ - ଏଫ୍ / ୧୩ ,ସେକ୍ଟର - ୪
ରାଉରକେଲା - ୭୬୯୦୦୨
ଦୂରଭାଷ - ୭୯୭୮୧୯୨୨୨୭

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ମା'ଙ୍କ ବଗିଚା

ମନୋରମା ମିଶ୍ର



ସହରରେ  ବାପା ତୋଳିଲେ ଘର
ରୋଷେଇ ଘରଟା କଡରେ ତା'ର ।
ବଗିଚାଟି ସେହି ଘରକୁ ଲାଗି
ଗଢିଛନ୍ତି ମା' ଯତନେ ଜଗି ।
ସମୟ କାଢି ସେ କାମରୁ ତାଙ୍କ
ଲଗାଇ ଅଛନ୍ତି ଗଛ ଅନେକ ।
ଫୁଲଗଛ ପୋତି ଯେଉଁଠି ସେଠି
ତୋଳି ଆଣୁଛନ୍ତି ଫୁଲ ଏକାଠି ।
କାକୁଡି କଖାରୁ ଜହ୍ନି ଓ ପୋଇ
ତାରବାଡେ ଦେଇଛନ୍ତି ମଡ଼େଇ ।
ଭେଣ୍ଡି ବାଇଗଣ ଟମାଟ ଗଛ
ଅଳପ ଲାଗିଛି ପଛକୁ ପଛ ।
ଛନ ଛନ ହୋଇ ବଢିଛି ଶାଗ
ଲଗା ହୋଇଥିଲା ସବୁଠୁ ଆଗ ।
କଲରା ମଞ୍ଜିକୁ ପୋତି ସେ କେବେ
ବଢାଇଥିଲେ ଯେ ଫଳୁଛି ଏବେ ।
ଲଙ୍କା ଗଛ ଦେଖି ଲାଗୁଚି ଖୁସି
ଛୋଟିଆ ଗଛରେ ଫଳିଛି ବେଶୀ ।
ଗଣି ଗଣି ମା' ତୋଳନ୍ତି ଲଙ୍କା
ସତେ କି ଗଛରେ ଫଳିଛି ଟଙ୍କା ।
ପୋଦିନା ଧନିଆ ଲାଗିଛି କେତେ
ଭୃଷଙ୍ଗ ପତର ଯାହାକୁ ଯେତେ ।
ପରିବା ହେଉଛି କିଣା ଆମର
ତଥାପି ବଗିଚା ଭାରି କାମର ।

ନୀଳାଦ୍ରି ବିହାର , ଭୁବନେଶ୍ୱର

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ମହା ବିଷୁବ

ସୁଷମା ପରିଜା

କ୍ରମେ ମଧୁମାସ ହୋଇଲା ଶେଷ
ଗ୍ରୀଷମ ହୋଇଲା ଆସି ପ୍ରବେଶ
ବଢିଲା ଅରୁଣ କିରଣ ଜାଳ
ତୃଷାତୁର ହେଲେ ଜୀବ ସକଳ । ୧ ।

ନବ ପଲ୍ଲବିତ ବୃକ୍ଷ ସମ୍ଭାର
ଝାଉଁଳି ପଡନ୍ତି ନସହି କର
ଚିକ୍ ଚିକ୍ କରି ବାଜୁଛି ଖରା
ବାଟୋଇ ଖୋଜନ୍ତି ବୃକ୍ଷ ଆସରା । ୨ ।

ଖରା ତେଜ ବାଜି ଉଡଇ ହଂସା
ମନ ଖୋଜିଲାଣି ପଖାଳ କଂସା
ଆଳୁ ଭରତା କୁ ପୋଟଳ ଭଜା
ଶାଗ ବଡିଚୁରା ଲାଗଇ ମଜା । ୩ ।

ଆମ୍ବ ଚଟଣୀ କୁ ମାଛ ବେସର
ଡାମ୍ପଡା ଶୁଖୁଆ କୋଳି ଆଚାର
ବସାଦହି ତୁଲେ ଧାନୁଆଁ ଲଙ୍କା
ଧନିଆପତ୍ରକୁ ତହିଁରେ ପକା । ୪ ।

ଖରାତେଜ କାଟି ମନ ଶୀତଳ
ପେଟ ଥଣ୍ଡା କରି ଶୁଖାଏ ଝାଳ
ଅଂଶୁଘାତ ଲାଗି ଅଟେ ଔଷଧ
ଆକାଶ ରୁ ଡାକି ଆଣଇ ନିଦ । ୫ ।

ପଣା ସଂକ୍ରାନ୍ତି ରୁ ବର୍ଷ ଆରମ୍ଭ
ଚଉଁରା ମୂଳରେ ଠେକି ବସିବ
ଛତୁଆ ସାଥିରେ ପଣା ର ଭୋଗ
ଦଣ୍ଡୁଆ ଉପାସେ ଝାମୁ ଚାଲିବ । ୬ ।

ଚୈତ୍ର ମାସେ ଯେତେ ମଙ୍ଗଳବାର
ମାଆ ତାରିଣୀ ଙ୍କ ଓଷା ଟି ସାର୍
ଓଷା କରିଥାନ୍ତି ମାଆ ମାଉସୀ
ପରିବାର ପାଇଁ ହିତ ମନାସି । ୭ ।

ସିନ୍ଦୁର ମନ୍ଦାର ହଳଦୀ ଦେଇ
ଦାଣ୍ଡ ରେ ସଜାଡି ଥାନ୍ତି ପନ୍ଥେଇ
ଶଙ୍ଖ ହୁଳହୁଳି ଧ୍ୱନି କରନ୍ତି
ପନ୍ଥେଇ ଗାତରେ ପଣା ଢାଳନ୍ତି । ୮ ।

ନୂଆ ପାଞ୍ଜି ଏଠୁ ଆରମ୍ଭ ହେବ
ହେବ ପୁଣି କେତେ କେତେ ଉତ୍ସବ
ବିଷୁବ ମିଳନ ଠାଆ ଠାଆରେ
ପାଳନ କରିବେ ଲୋକେ ଗାଆଁରେ । ୯ ।

ସାହିତ୍ୟ ସଂସ୍କୃତି କରିବେ ଚର୍ଚ୍ଚା
ମାତୃଭାଷା ମୁଣ୍ଡ କରିବେ ଉଚ୍ଚା
ସଭା ସମିତିରେ ଭାଷଣ ଶୁଣି
ମନେମନେ ତା'କୁ ରଖିବା ଗୁଣି । ୧୦ ।

ଓଡିଆ ଭାଷା ରେ କଥା କହିବା
ଓଡିଆ ଭାଷା ରେ ଲେଖା ଲେଖିବା
ଓଡିଶା ମାଟିର ଆମେ ସନ୍ତାନ
ରଖିବା ଓଡିଆ ଭାଷା ର ମାନ । ୧୧ ।

ନୟାବଜାର .କଟକ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଜେଜେମା ଓ ହଳଦୀ କାଠୁଆ

ବାଉରୀବନ୍ଧୁ ଲେଙ୍କା

ମନେପଡେ ପିଲା ବେଳ ,
ଜେଜେ-ମାଆଙ୍କର ହଳଦୀ କାଠୁଆ
ସାଙ୍ଗକୁ ନଡିଆ ତେଲ ॥



ଖରାଦିନେ -
ଯେବେ ହୋଇଯାଏ ସଞ୍ଜବେଳ,
ଅଗଣାରେ ଖଣ୍ଡେ ମସିଣା ବିଛାଇ
ଆମେ ସବୁ ଯେତେ ଭାଇ ଓ ଭଉଣୀ
ବସୁ ହୋଇ ଏକମେଳ ॥

ଜେଜେମା ଆସି କହନ୍ତି
ଏ...କି ଗରମ ଗୁଲୁ ଗୁଳି ?
ଛୁଆ ଗୁଡାକ ମୋ ପଡିଯାଇଛନ୍ତି ଝାଉଁଳି ॥

ନଡିଆ ତେଲକୁ ହଳଦୀରେ ଦେଇ ଢାଳି,
ଗୋଳାଗୋଳି କରି ଆମ ସମସ୍ତଙ୍କ
ଦେହରେ ଦିଅନ୍ତି ବୋଳି ॥

ସୁଖିଗଲା ପରେ ଦେହ ଗୋଡ ହାତ ଘଷି,
ଛଡାଇ ଦିଅନ୍ତି ମଲୁକୁଟି ସବୁ
ପିଠିକୁ ଆମ ଆଉଁଷି ॥

ଥଣ୍ଡା ଲାଗେ ଆମ ଦେହ,
ଖାଇ ପିଇ ଆମେ ଗଡିଯାଉ ସେଠି
ନଥାଏ ମଶାଙ୍କ ଭୟ ॥

ସମୟ ଯାଇଛି ବିତି -
ସଂଖ୍ୟାରେ କମ୍ ହୋଇଥିଲେ ମଧ
ଆଜି ଅଛନ୍ତି ନାତୁଣୀ ନାତି,
ହେଲେ ଭାଗ୍ୟର ଏ ବିଡମ୍ବନା
ଜେଜେ ମାଆ ତାଙ୍କ ପାଖରେ
ରହୁ ନାହାନ୍ତି ॥

ଆଜି ହଳଦି କାଠୁଆ ସ୍ୱପ୍ନ
ହଳଦୀ ତେଲକୁ କିଏ ପଚାରୁଛି
ଆଧୁନିକ ପ୍ରସାଧନ ॥

ଆଉ ନାହିଁ ସେ ଘର ଅଗଣା
ନାହିଁ ଆଉ ନାତି ନାତୁଣୀଙ୍କ ମଜା
ନାହିଁ ସେ ସପ ମସିଣା॥

---------------------------

ଭୁବନେଶ୍ୱର

# କବି ଅଚ୍ୟୁତ କୁମାର ରଥ ଙ୍କ ଦୁଇଟି କବିତା



## ମୋ ଈଶ୍ୱର ....

ଏ  ନଶ୍ୱର ଶରୀରରେ ତୁମେ ନାହଁ
ଏ ପଥର ମନ୍ଦିରରେ ତୁମେ ନାହଁ
କାଷ୍ଠ ପାଷାଣ ରେ ତୁମେ ନାହଁ
କଷ୍ଟ କଷଣ ରେ ତୁମେ ନାହଁ....
କିନ୍ତୁ
ମୋ ହୃଦୟ, ମନ, ଚେତନାରେ
ମୋ ଆଖିର ଲୁହ, ବେଦନାରେ
ଫୁଲ ରେ, ପରାଗରେ
ପ୍ରୀତି ରେ, ସରାଗରେ
ପ୍ରାତଃ ରେ, ପ୍ରଭାତରେ
ସୁପ୍ତ ରେ, ଜାଗ୍ରତ ରେ
ଭାବ ଅଭାବରେ
ସତ୍ତ୍ୱ ସ୍ୱଭାବ ରେ,

କମ୍ପନରେ
ସ୍ତମ୍ଭନରେ,
ଅର୍ଚ୍ଚନା ରେ
ମୂର୍ଚ୍ଛନା ରେ...

ସୌଖ୍ୟ ରେ
ମୋକ୍ଷ ରେ,
ପ୍ରାଣରେ
ନିର୍ବାଣ ରେ ...

ସ୍ପନ୍ଦନ ରେ, ବନ୍ଦନ ରେ
ନିଶ୍ୱାସ ରେ, ବିଶ୍ୱାସ ରେ
କେବଳ ତୁମେ, ତୁମେ ଓ ତୁମେ ।।

## ଆଜି ଭାରି ଇଚ୍ଛା ହେଉଛି କାନ୍ଦିବାକୁ .........

ଆଜି ଭାରି ଇଚ୍ଛା ହେଉଛି ଥରେ
ମନଭରି କାନ୍ଦିବାକୁ,
ଅସୂର୍ଯଂପଶ୍ୟା ମୋ ଲୁହ ଆଖିର ଏରୁଣ୍ଡି ଡେଇଁ
ବହିଯିବାର ସଂକଳ୍ପ ନେଇ ଅଟଳ
ଚାରି ଆଖିପତା ର ବେଳାଭୂମି ପିଇ ଯିବାପାଇଁ
ଉଦ୍‌ବିଗ୍ନ ଯେତେ ଲୁଣି ଜଳ,
ମେଘ ମେଦୁର ମନ ଆଜି ପ୍ରଗଲ୍‌ଭା
ଉସର ଭୂଇଁ ରେ ସିଞ୍ଚିବାକୁ ....

ଆଜି ଭାରି ଇଚ୍ଛା ହେଉଛି ଥରେ
ମନଭରି ବଞ୍ଚିବାକୁ ....

ମୋ ହାତ ପାଆନ୍ତାରେ ଥାଆନ୍ତା କି
ଇପ୍‌ସିତ ତୁମ ସ୍ନିଗ୍‌ଧ କୋଳ
ପ୍ରୀତିସିକ୍ତ ଅଙ୍ଗୁଳି ସବୁ ଛୁଇଁ ଯାଉଥାନ୍ତେ
ମୋ ବେଦନାକ୍ତ ମସ୍ତକ କପୋଳ,
କୋହଭରା ହୃଦ୍ ସ୍ପନ୍ଦନ ଚାହେଁ ଥରେ
ଲୁହ ଶିକୁଳୀରେ ବାନ୍ଧିବାକୁ ....

ଆଜି ଭାରି ଇଚ୍ଛା ହେଉଛି ଥରେ
ମନଭରି କାନ୍ଦିବାକୁ .....

ସୁନ୍ଦରଗଡ ,ଓଡିଶା

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନାରୀକବି ଶ୍ରୀମତୀ ରାଜଲକ୍ଷ୍ମୀ ତ୍ରିପାଠୀ ଙ୍କ କବିତା ସମ୍ଭାର



## ନୀଳ ତୃଷ୍ଣା

ନୀଳ ତୃଷ୍ଣା,
ଥରଟିଏ ଖୋଲିଦିଅ
ନିର୍ବାସିତ ସେଇ ପ୍ରୀତି-ପକ୍ଷୀ ଟିକୁ
ଦେଖାଇବ ସିଏ ତାର
ହୃଦୟ ର ଗାଢ଼ ପ୍ରେମ
ଭୁଲିଯାଇ ଯେତେ ପୀଡା
ତା ଦୁଇ ପାଦର ।

ନୀଳତୃଷ୍ଣା,
ଥରଟିଏ ସ୍ପର୍ଶ ଦେଇଯାଅ
ପ୍ରତୀକ୍ଷା ର ସମୟରେ ଥିବା
ସେହି ଗୋଧୂଳି ବେଳାକୁ,
ଏକ ସଂଯତ ନଦୀର ତୃଷ୍ଣା ରେ
ଗ୍ରନ୍ଥି ସବୁ ଖୋଲି ଯିବ
ଶୋଷିବାକୁ ଯେତେ ସବୁ କଳା-ଛାଇ
ତା ପ୍ରାଚୀନ ଆବେଗର ।

--------------------------------

## ପକ୍ଷୀ

ବିଚିତ୍ର ଏ ପକ୍ଷୀ!
ମନ ସିନା ବୁଝିଯାଏ,
ପକ୍ଷୀ କିନ୍ତୁ ବ୍ୟସ୍ତ ଥାଏ
ଉଡାଣ ରେ ତାର।
ତା' ଅନ୍ତର ଆଭିଜାତ୍ୟ ସହ
ଉପଭୋଗ କରେ ସିଏ
ଆୟତ୍ତ ରେ ଥିବା ତାର
ଆକାଶ ର ଐଶ୍ୱର୍ଯ୍ୟ ସବୁକୁ।

--------------------------------

ପୁରୀ ,ଓଡିଶା

## ମନ

ଅନ୍ଧାର ର ଆବର୍ତ୍ତ ରୁ
ଖୋଜି ଖୋଜି ବାଟ ଟିଏ
ବାଟ ହୁଡି ଯାଏ ମନ,
ଜର୍ଜରିତ ହୁଏ କେବେ
ଭିନ୍ନ ଏକ ଅଭାବ-ବୋଧର
ବାଷ୍ପୀଭୂତ ଚେତନାରେ ।
ଅଦ୍ଭୁତ ଏ ମନ !
କେତେବେଳେ ବୁଝିଯାଏ
ହସ କାନ୍ଦ ଆପଣାଇ
ସହିଯାଏ ଅନ୍ଧାର ର
ମାୟା ଅଂଜନକୁ,
ଖୋଲିବାକୁ ରହସ୍ୟଟି
ତା' ଅଲିଖିତ ଚୁକ୍ତି ର ।

-------------------------

## ବ୍ୟାପ୍ତି

ତୁମ ଦୁଇ ଆଖି ପତାତଳେ
ବୁଣିଦେବି ବୀଜ ପ୍ରୀତି ରଙ୍ଗଣୀର
ପ୍ରସ୍ଫୁଟିତ ହୋଇ ତାହା
ସ୍ମରଣ କରାଉଥିବ ତୁମ ସୌନ୍ଦର୍ଯ୍ୟ କୁ
ତୁମର ପ୍ରତିଟି କ୍ରନ୍ଦନ ସମୟରେ।
ଭାବନାର ସେ ବିଶାଳ ନାଟ ମଣ୍ଡପ ରେ
ବିଚରଣ କରୁକରୁ ମୁଁ
ଅଦୃଶ୍ୟ ପକ୍ଷୀଟିଏ ହୋଇ
ଲୁଚାଇ ରଖିବି ତୁମକୁ ମୋ ପକ୍ଷରାଜି ତଳେ।
ବ୍ୟାପିଯିବି ଚତୁର୍ଦ୍ଦିଗେ ,
ସୁପ୍ତ ପ୍ରେମ ବ୍ୟକ୍ତ କରି
ବିଚ୍ଛୁରିତ ହୋଇଯିବି
ଏକ ଅଭିନ୍ନ ଚେତନାର ବିଭୋରତା ସହ।

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

## ମୋ ଝିଅ

ବୀଣାପାଣି ରାଏଗୁରୁ

ମୋ ଝିଅ ମୋ ଆତ୍ମା ର ପ୍ରସୂନ,
ମୋ ପ୍ରୀତି ର ଫୁଲଦାନୀ ରେ ସଜଫୁଟା ଫୁଲ,
ସୃଜନ ମୁଖରା ମାଟିର ଗର୍ଭରେ,
ଅଭିନବ ପୃଥିବୀ ଟିଏ ।
ଶତାବ୍ଦୀ ର ସ୍ବପ୍ନ ନେଇ,
ମୋ ନିଃଶ୍ୱାସ ରେ ବିଶ୍ୱାସ ହୋଇ,
ସେ ଯେତେବେଳେ ମୋ ବାତ୍ସଲ୍ୟ ନଈରେ
ପହଁରିଯାଏ,
ମୁଁ ପାଲଟିଯାଏ ବେଦଗର୍ଭା ସିନ୍ଧୁ ରେ,
ମୋତିଗର୍ଭା  ଶାମୁକାଟିଏ।।

ସେ ଆସେ,
ମୋ ଜୀବନ ଅଭିଧାନ ରେ ,
ଶବ୍ଦ ସବୁକୁ ସାଉଁଟେ,
ଅର୍ଥମୟ କରେ ମୋ ପୃଥିବୀକୁ।
ମୋ ଅତୀତ ବର୍ତ୍ତମାନ ଆଉ ଭବିଷ୍ୟତ କୁ,
ଏକାଠି କରେ,
ମହ ମହ ହୋଇଉଠେ ମୋ ମୁହୂର୍ତ୍ତ,
ପ୍ରସରିଯାଏ ମୋ ବିଶ୍ୱାସ ,
ମାଟିରୁ ମହାକାଶ ଯାଏ ।।

ସେ କାହାପରି ନୁହେଁ
ସେ ଏକା ତା ପରି,
ବେଳେ ମୁଁ ନଥିବି,ସେ ଥିବ,
ମୋ ଆୟୁଷ ସବୁ ତା ଆୟୁଷ ରେ ଜୁଡୁଥିବେ,
ମୋ ସ୍ୱପ୍ନସବୁ ତା ଆଖିରେ ଜୀଇଁ ଉଠୁଥିବେ,
ଯେତେ ସବୁ ମୋର ଆଶା ଅଭିଲାସା,
 ପୂର୍ଣ୍ଣତା  ପାଇଯିବେ ତା ମନରେ,
କାହିଁକି ନା ସେ ମୋ ଝିଅ।।

-----------------------------------

ତରିତୋ, କିଶୋର ନଗର, କଟକ



## ସେ ମୋ ମା'

ସଂଘମିତ୍ରା ରାଏଗୁରୁ

କିଏ ଯଦି ପଚାରେ କେବେ
ଭଲପାଇବାର ସଂଜ୍ଞା
ସ୍ନେହ  ଶ୍ରଦ୍ଧା ମମତାର
ଶେଷହୀନ ଭାଷା
ଜାଣିବାକୁ ଇଛା କରେ
ଜୀବନ୍ତ ଈଶ୍ୱରୀ ଙ୍କର
ଅସଲି ଠିକଣା,
ଯେଉଁଠି ମୃତ୍ୟୁ ବି ଥରେ
ହୁଏ ବାଟ ବଣା

ଏତିକି କହିବି
ଯିଏ ଦୁଃଖ କଷ୍ଟ ଯନ୍ତ୍ରଣାକୁ
ମଥାତଳ ତକିଆ ସଜାଏ
ବାଢ଼ିବାକୁ ଓଠେ ମୋର
ଖାଣ୍ଟି ହସ ଖିଏ

ଯା'ର ହୃଦୟରେ
ଏକାକାର ମାଟି ଓ ଆକାଶ
ପଣତରେ ଏତେ ବଡ଼ ଦୁନିଆଟା
ପାଲଟଇ ଛୋଟ
ସେ ମା'
ନିରୋଳା ପ୍ରେମର ପରିଭାଷା
ନିଃସ୍ୱାର୍ଥପର ମନ ତା'ର
ପାଇବା ନପାଇବା ଠୁଁ
ବହୁତ ଉର୍ଦ୍ଧ୍ୱରେ
ନଥାଏ ସେଥିରେ
ଟିମୁଟେ ଲାଳସା

-------------------------------

ରାଏପୁର,ଛତିଶଗଡ଼